# ଚାଲି ନଜାଣି ବାଟର ଦୋଷ

**ଆମ ଘରର ହାଲଚାଲ**

**ସୌମ୍ୟରଂଜନ ପଟ୍ଟନାୟକ**

ରାଜନୀତିରେ ଭାବମୂର୍ତ୍ତି ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ନିଜ ଭାବମୂର୍ତ୍ତି ନିର୍ମାଣ କରିବାକୁ ଯାଇ ଆମ ରାଜନେତାମାନଙ୍କର ଅନ୍ୟକୁ ଛୋଟ କରି ଦେଖିବା ଅଭ୍ୟାସ ଆଦୌ ସ୍ପୃହଣୀୟ ହେଉନାହିଁ। ଏହାର ସଦ୍ୟତମ ଉଦାହରଣ ହେଲେ ଆମର କେନ୍ଦ୍ରାପଡ଼ା ସାଂସଦ ଶ୍ରୀ ବୈଜୟନ୍ତ ପଣ୍ଡା। ଗତ ସପ୍ତାହରେ 'ସମ୍ବାଦ' ରେ ଆମର ସାଂସଦମାନେ ତାଙ୍କର ହାତପାଣ୍ଠି କିପରି ଖର୍ଚ୍ଚ କରିଛନ୍ତି ତାହାର ଏକ ତଥ୍ୟଭିତ୍ତିକ ତୁଳନାତ୍ମକ ରିପୋର୍ଟ ପ୍ରକାଶ ପାଇଥିଲା। ଆମ ରିପୋର୍ଟର ସରକାରଙ୍କର ୱେବ୍ ସାଇଟ୍‌ରୁ ତଥ୍ୟ ସଂଗ୍ରହ କରି ଏହି ରିପୋର୍ଟ ପ୍ରସ୍ତୁତ କରିଥିଲେ। ରିପୋର୍ଟର ସୂଚନା ଅନୁସାରେ ସାଂସଦ ଶ୍ରୀ ପଣ୍ଡା ତାଙ୍କ ହାତପାଣ୍ଠିର ମାତ୍ର ୬.୬୫ ଭାଗ ଅର୍ଥ ଖର୍ଚ୍ଚ କରିଛନ୍ତି ବୋଲି ଉଲ୍ଲେଖ ଥିଲା। ଅନ୍ୟତମ ସାଂସଦ ଚିଟ୍‌ଫଣ୍ଡ ବ୍ୟାପାରରେ ଅଭିଯୁକ୍ତ ହୋଇ ଜେଲ୍‌ରେ ଥିବାରୁ ସ୍ୱାଭାବିକ ଭାବରେ ତାଙ୍କର ପାଣ୍ଠି ଖର୍ଚ୍ଚ କରିପାରି ନାହାନ୍ତି। ତଥାପି କେନ୍ଦ୍ରାପଡ଼ାର ସାଂସଦ ଏହି ଚିଠାରେ ସବୁଠାରୁ ପଛୁଆ ହୋଇ ରହିଲେ। ଏ ତଥ୍ୟ ସାଂସଦଙ୍କର ଆଦୌ ହଜମ ହେଲାନାହିଁ। ତାଙ୍କର ଭାବମୂର୍ତ୍ତି ସ୍ୱାଭାବିକ ଭାବରେ କ୍ଷୁଣ୍ଣ ହେଲା। କାଳବିଳମ୍ବ ନକରି ସେ ସମ୍ପାଦକଙ୍କ ନିକଟକୁ ଏକ ପ୍ରତିବାଦ ପତ୍ର ପଠାଇ କହିଲେ ଯେ 'ସମ୍ବାଦ'ରେ ପ୍ରକାଶିତ ଖବର ଭୁଲ୍ ଏବଂ ସରକାରୀ ସୂତ୍ରରୁ ଯେଉଁ ତଥ୍ୟ ସଂଗ୍ରହ କରାଯାଇଛି ତାହା ସଦ୍ୟତମ ତଥ୍ୟ ନୁହେଁ। ତଥ୍ୟ ଯୋଗାଇବା ଦାୟିତ୍ୱରେ ଥିବା ଅଧିକାରୀ ତାଙ୍କ କାର୍ଯ୍ୟରେ ଅବହେଳା କରିଛନ୍ତି। ମାନ୍ୟବର ସାଂସଦ ଓଲଟା ଅଭିଯୋଗ କରିଛନ୍ତି ଯେ ତାଙ୍କୁ କାହିଁକି ଏ ସମ୍ପର୍କରେ ପଚରା ଗଲାନାହିଁ। କିନ୍ତୁ ପ୍ରକୃତ ତଥ୍ୟଟି କ'ଣ ସେ ସମ୍ପର୍କରେ ସାଂସଦ ନିଜେ ମଧ ତାଙ୍କ ପ୍ରତିବାଦ ପତ୍ରରେ ଉଲ୍ଲେଖ କଲେନାହିଁ। ପୁଣି ଆଉ ପାଦେ ଆଗେଇ ଯାଇ ସୋସିଆଲ ମିଡିଆରେ ଅତ୍ୟନ୍ତ ଅଶାଳୀନ ଭାବେ ସାମ୍ବାଦିକମାନେ ଅଳସୁଆ ବୋଲି ରୁଚିହୀନ ମନ୍ତବ୍ୟ ଦେବାକୁ ବି ଭୁଲିଲେ ନାହିଁ।

ଏହାର ଅଳ୍ପ କେତେଦିନ ପରେ ସାଂସଦଙ୍କ ତରଫରୁ କେନ୍ଦ୍ର ସରକାରଙ୍କୁ ପଠାଯାଇଥିବା ଜିଲ୍ଲାପାଳଙ୍କର ଏକ ଚିଠିର ନକଲ ଆମ ପାଖରେ ଆସି ପହଞ୍ଚିଲା। ଯେଉଁଥିରେ ସାଂସଦ ଶ୍ରୀଯୁକ୍ତ ପଣ୍ଡା ତାଙ୍କ ହାତପାଣ୍ଠିର ୯୯ ଭାଗ ବିନିଯୋଗ କରିଥିବା କଥା କୁହାଯାଇଥିଲା। ଲକ୍ଷ୍ୟ କରିବାର କଥା ଯେ ଜିଲ୍ଲାପାଳଙ୍କର ଏହି ପତ୍ର ସରକାରୀ ସୂତ୍ରରୁ ସଂଗ୍ରହ କରାଯାଇଥିବା ତଥ୍ୟକୁ ଆଧାର କରି 'ସମ୍ବାଦ'ରେ ରିପୋର୍ଟ ପ୍ରକାଶ ପାଇବା ପରେ ଲେଖା ଯାଇଛି। ସବୁ ଜିଲ୍ଲାର ସରକାରୀ କଳ କାମ କରୁଥିବା ବେଳେ କେନ୍ଦ୍ରାପଡ଼ାରେ କାମ କଲାନାହିଁ କାହିଁକି? ଏହା କ'ଣ 'ସମ୍ବାଦ'ର ଦାୟିତ୍ୱ? ଅହରହ ହେଲିକପ୍ଟରରେ ଉଡ଼ି ବୁଲୁଥିବା ଏବଂ ଦିନରାତି କମ୍ପ୍ୟୁଟର, ଇଣ୍ଟରନେଟ୍ ଓ ସୋସିଆଲ ମିଡ଼ିଆରେ ଛାଇ ରହିଥିବା ସାଂସଦ ମହାଶୟ ନିଜ ଅଞ୍ଚଳର କମ୍ପ୍ୟୁଟର କାମ କରୁନାହିଁ ବୋଲି ଜାଣି ପାରିଲେ ନାହିଁ କିପରି? ତାକୁ କାର୍ଯ୍ୟକାରୀ କରିବା ତାଙ୍କ ଦଳ ଚଳାଉଥିବା ସରକାରଙ୍କର ନା ଗଣମାଧ୍ୟମର? ସାଂସଦ ମହାଶୟ ଯେଉଁ ଗଣମାଧ୍ୟମକୁ ବିଭିନ୍ନ ଉପାୟରେ ବ୍ୟବହାର କରି ନିଜ ଭାବମୂର୍ତ୍ତି ନିର୍ମାଣ କରିବାର କୌଣସି ଅବସରକୁ ହାତଛଡ଼ା କରନ୍ତି ନାହିଁ, ସେ ପୁଣି କେଉଁ ପସନ୍ଦରେ ସମ୍ବାଦଦାତାଙ୍କ ପ୍ରତି ଏପରି ରୁଚିହୀନ ମନ୍ତବ୍ୟ ଦେଲେ ତାହା ବୁଝି ପଡୁନାହିଁ। କେବଳ ଏଥର ନୁହେଁ, ଏପରି ଅଭ୍ୟାସ ଯୋଗୁଁ ସାଂସଦ ପଣ୍ଡା ବାରମ୍ବାର ଅପଦସ୍ଥ ହେଲେଣି। ପାର୍ଲାମେଣ୍ଟ କ୍ୟାଣ୍ଟିନ୍‌ରେ ସାଂସଦମାନଙ୍କୁ ମିଳୁଥିବା ରିହାତି ଦରର ଖାଦ୍ୟଦ୍ରବ୍ୟ ବିରୋଧରେ ମନ୍ତବ୍ୟ ଦେଇ ସେ ତା'ର ପ୍ରଚାର କରାଇଥିଲେ। ପରେ ଯେତେବେଳେ ତାଙ୍କର ସାଂସଦ ସାଥୀମାନେ ଶ୍ରୀଯୁକ୍ତ ପଣ୍ଡାଙ୍କ ପରିବାରର ନିୟନ୍ତ୍ରଣରେ ଥିବା କମ୍ପାନି ଭୋଗ କରିଥିବା ୨୨ ଶହ କୋଟି ଟଙ୍କାର ଋଣ ଛାଡ଼ କଥା ଉଠାଇଲେ ସାଂସଦଙ୍କର କିଛି ଉତ୍ତର ନଥିଲା। ଓଡ଼ିଆରେ କଥା ଅଛି 'ଚାଲି ନଜାଣି ବାଟର ଦୋଷ'। ସାଂସଦଙ୍କ ଆଚରଣ ଏହାର ଏକ ବଳିଷ୍ଠ ପ୍ରମାଣ।